# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 08 January – 2026

********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ହାଇକୋର୍ଟ ବୋମା ଧମକ ଘଟଣାରେ ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହେବ ଉଚ୍ଚସ୍ତରୀୟ ବୈଠକ
- ରାଜ୍ୟରେ ଚଳିତ ସପ୍ତାହରେ ୪ ଲକ୍ଷ ୫୭ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମିଳିବ ସୁଭଦ୍ରା ସହାୟତା ରାଶି
- ଅନୁଗୁଳ, ତାଳଚେର ଶିଳ୍ପାଞ୍ଚଳରେ ବାୟୁ ପ୍ରଦୂଷଣ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରସ୍ତାବ
- ଓଡ଼ିଶା, ଓଡ଼ିଆ ଓ ଓଡ଼ିଶୀର ଅଭୂତପୂର୍ବ ସଂଗମ ହେଉଛନ୍ତି ଗୁରୁ କେଳୁଚରଣ ମହାପାତ୍ର; କହିଲେ ମୁଖ୍ୟମନ୍ତ୍ରୀ

ଏବଂ

- ଭିତରକନିକା ଜାତୀୟ ଉଦ୍ୟାନରେ ଆଜିଠାରୁ ଆରମ୍ଭ ହେଲା କୁମ୍ଭୀର ଗଣନା

BBSR/R

# ବୋମା ଧମକ

ଓଡ଼ିଶା ହାଇକୋର୍ଟ ସମେତ ସମ୍ବଲପୁର ଏବଂ ଦେବଗଡ଼ ଜିଲ୍ଲାକୋର୍ଟକୁ ଇମେଲ୍ ଜରିଆରେ ଆଜି ବୋମା ଧମକ ମିଳିବା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସନ୍ଧ୍ୟାରେ ଏକ ଉଚ୍ଚସ୍ତରୀୟ ବୈଠକ ଡାକିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ଘଟଣା ସମ୍ପର୍କରେ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆଙ୍କ ସହ ଆଲୋଚନା କରିବେ। ଘଟଣା ସହ ଜଡ଼ିତ ଅପରାଧିଙ୍କୁ ଖୋଜି ବାହାର କରିବା ପାଇଁ ଶ୍ରୀ ମାଝୀ ନିର୍ଦ୍ଦେଶ ଦେବା ସହ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ କହିଛନ୍ତି। ଘଟଣା ସମ୍ପର୍କରେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ କଥା ହୋଇଛନ୍ତି। କୋର୍ଟ ପରିସର ସମ୍ପୂର୍ଣ୍ଣ ସୁରକ୍ଷିତ ଅଛି ବୋଲି ଶ୍ରୀ ଆଚାର୍ଯ୍ୟ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ଅନ୍ୟପକ୍ଷେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପୁଲିସ ଡିଜିଙ୍କୁ ଘଟଣାର ଅଧିକ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୋମା ଧମକ ଆସିବା ପରେ ହାଇକୋର୍ଟ ବିଲ୍ଡିଂରୁ ବିଚାରପତି ଓ ଆଇନଜୀବୀମାନଙ୍କୁ ଖାଲି କରାଯାଇଛି। କୋର୍ଟ ପରିସରରେ ଅନୁସନ୍ଧାନକାରୀ କୁକୁର ଓ ବୋମା ନିଷ୍କ୍ରିୟକାରୀ ଦଳ ମାଧ୍ୟମରେ ଯାଞ୍ଚ ଜାରି ରହିଛି। ପରିସ୍ଥିତିର ମୁକାବିଲା ପାଇଁ ଆବଶ୍ୟକୀୟ ଅଧିକାରୀଙ୍କୁ ମୁତୟନ କରାଯାଇଛି। ଭୟଭୀତ ନ ହୋଇ ପୁଲିସକୁ ସହଯୋଗ କରିବା ପାଇଁ ଶ୍ରୀ ଖୁରାନିଆ କହିଛନ୍ତି।

BBSR/R

## ସୁଭଦ୍ରା ଟଙ୍କା

ରାଜ୍ୟରେ ଚଳିତ ସପ୍ତାହରେ ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଶ୍ରୀମତୀ ପରିଡ଼ା କହିଛନ୍ତି, ଏହି ପର୍ଯ୍ୟାୟରେ ମୋଟ ୪ ଲକ୍ଷ ୫୭ ହଜାର ୬୮୧ ଜଣ ମହିଳା ସୁଭଦ୍ରା ଟଙ୍କା ପାଇବେ। ସେଥିମଧ୍ୟରୁ ୧ ଲକ୍ଷ ୭୮ ହଜାର ୩୯୮ ଜଣ ନୂଆ ହିତାଧିକାରୀଙ୍କୁ ସହାୟତା ମିଳିବ। ସେହିପରି ପ୍ରଥମ ଓ ଦ୍ୱିତୀୟ କିସ୍ତିରୁ ବାଦ୍ ପଡ଼ିଥିବା ୨ ଲକ୍ଷ ୫୫ ହଜାର ୨୬୫ ଜଣ ହିତାଧିକାରୀଙ୍କୁ ଏହି ପର୍ଯ୍ୟାୟରେ ସାମିଲ କରାଯାଇଛି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ହିତାଧିକାରୀମାନଙ୍କୁ ମୋଟ ୨୫୦ କୋଟି ଟଙ୍କାର ସହାୟତା ଦିଆଯିବ।

**- V/O –**

Desk

## ଧର୍ମେନ୍ଦ୍ର – ତାଳଚେର

ଅନୁଗୁଳ, ତାଳଚେର ଶିଳ୍ପାଞ୍ଚଳରେ ବାୟୁ ପ୍ରଦୂଷଣ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ’ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, କୋଇଲା ଓ ଖଣି ମନ୍ତ୍ରୀ ଜି.କିଶାନ ରେଡ୍ଡୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ପୃଥକ ପୃଥକ ପତ୍ରରେ ଶ୍ରୀ ପ୍ରଧାନ ଅନୁଗୁଳ ଓ

ତାଳଚେରରେ ବାୟୁ ଗୁଣବତ୍ତା ସୂଚକାଙ୍କ ଗମ୍ଭୀର ସ୍ଥିତିରେ ଥିବା ନେଇ ଚିନ୍ତାବ୍ୟକ୍ତ କରିବା ସହ ପ୍ରଦୂଷଣ ନିୟନ୍ତ୍ରଣ ନିୟମାବଳୀକୁ କଡ଼ାକଡ଼ି ଭାବେ ଲାଗୁ କରିବା, ଯାଞ୍ଚ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଶିଳ୍ପାଞ୍ଚଳ ଓ ଖଣି କରିଡ଼ର ଚାରିପାଖରେ ବ୍ୟାପକ ବୃକ୍ଷରୋପଣ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି ।

Desk

# ନିର୍ବାଚନ ସମ୍ମିଳନୀ

ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆସନ୍ତା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ପ୍ରଥମ ଭାରତ ଅନ୍ତର୍ଜାତୀୟ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସମ୍ମିଳନୀ ଅନୁଷ୍ଠିତ ହେବ । ସମ୍ମିଳନୀରେ ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ୨୦୨୬ ମସିହା ପାଇଁ ଅର୍ନ୍ତଜାତୀୟ ଆଇ.ଡି.ଆର୍. ସଦସ୍ୟ ରାଷ୍ଟ୍ର ପରିଷଦର ଅଧ୍ୟକ୍ଷ ଭାବେ ତାଙ୍କ କାର୍ଯ୍ୟସୂଚୀ ଆରମ୍ଭ କରିବେ । ସମ୍ମିଳନୀଟି 'ଅନ୍ତର୍ଭୁକ୍ତୀକରଣ, ଶାନ୍ତିପୂର୍ଣ୍ଣ ଏବଂ ସ୍ଥାୟୀ ବିଶ୍ୱପାଇଁ ଗଣତନ୍ତ୍ରର ଆବଶ୍ୟକତା' ବିଷୟବସ୍ତୁ ଉପରେ ଆଧାରିତ ହେବ । ନିର୍ବାଚନ ପରିଚାଳନା ସଂସ୍ଥାଗୁଡ଼ିକ ମଧ୍ୟରେ ଅନ୍ତର୍ଜାତୀୟ ସହଯୋଗ ପାଇଁ ଏହି ସମ୍ମିଳନୀ ଏକ ବିଶ୍ୱସ୍ତରୀୟ ପ୍ଲାଟଫର୍ମଭାବେ କାର୍ଯ୍ୟ କରିବ। ଯାହା ସମସମାୟିକ ବାଧାଗୁଡ଼ିକର ସମାନ ବୁଝାମଣା, ସର୍ବୋତ୍ତମ ଅଭ୍ୟାସ ଏବଂ ନବସୃଜନର ଆଦାନ ପ୍ରଦାନ କରିବ। ଏହି ସମ୍ମିଳନୀରେ ବିଶ୍ୱର ଅନେକ

ଦେଶରୁ ଆସିଥିବା ପ୍ରତିନିଧିମାନଙ୍କୁ ଭାରତର ନିର୍ବାଚନ ଢାଞ୍ଚା, ପ୍ରକ୍ରିୟା ଏବଂ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ସହିତ ସୁଗମ କରାଇବ। ଯାହା ଭାରତୀୟ ନିର୍ବାଚନକୁ ଗଣତାନ୍ତ୍ରିକ ଦେଶମାନଙ୍କ ମଧ୍ୟରେ ଉଦାହରଣ ଭାବେ ସ୍ଥାପନ କରିବ।

BBSR/R

# କେଳୁଚରଣ ଜନ୍ମ ଶତବାର୍ଷିକୀ

ପଦ୍ମ ବିଭୂଷଣ, ଗୁରୁ କେଳୁଚରଣ ମହାପାତ୍ର ଶ୍ରୀଜଗନ୍ନାଥ ସଂସ୍କୃତି, ମାହାରି ପରମ୍ପରା, ଶାସ୍ତ୍ରୀୟ ଓ ଲୋକକଳା ମଧ୍ୟରେ ସମନ୍ୱୟ ରକ୍ଷା କରି ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେଇଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆଜି ସ୍ୱର୍ଗତଃ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ କହିଛନ୍ତି, ଓଡ଼ିଶା, ଓଡ଼ିଆ ଓ ଓଡ଼ିଶୀର ଅଭୂତପୂର୍ବ ସଂଗମ ହେଉଛନ୍ତି ଗୁରୁ କେଳୁଚରଣ ମହାପାତ୍ର। ସେ ଜଣେ ମହାନ ନୃତ୍ୟଶିଳ୍ପୀ ସହ ଓଡ଼ିଶୀ ନୃତ୍ୟର ଆତ୍ମା  ଥିଲେ। ତାଙ୍କର ସାଧନା, ଆସ୍ଥା ଓ ଅଦମ୍ୟ ପରିଶ୍ରମରେ ଏହି ନୃତ୍ୟକଳାକୁ ପୁର୍ନଜୀବନ ମିଳିଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କେଳୁଚରଣ ସ୍ମୃତି ଚିତ୍ରକଳା ଓ ଫଟୋଚିତ୍ର ପ୍ରଦର୍ଶନୀର ଉଦ୍‌ଘାଟନ କରିଛନ୍ତି।

Desk

# ଶ୍ରମିକ ସୁରକ୍ଷା କର୍ମଶାଳା

ରାଜ୍ୟରେ ଶିଳ୍ପ ସଂସ୍ଥାଗୁଡ଼ିକରେ କାର୍ଯ୍ୟରତ ଶ୍ରମିକମାନଙ୍କ ସୁରକ୍ଷା ଏବଂ ଦୁର୍ଘଟଣା ମୁକ୍ତ କାର୍ଯ୍ୟସ୍ଥଳୀ ଗଠନ ଦିଗରେ ସରକାର ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବାଷ୍ପୀୟ ଯନ୍ତ୍ରର ସ୍ଥାପନ ଏବଂ ରକ୍ଷଣାବେକ୍ଷଣରେ ଆବଶ୍ୟକୀୟ ସୁରକ୍ଷା ସମ୍ପର୍କିତ ଏକ କର୍ମଶାଳା ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। କାରଖାନା ଏବଂ ବାଷ୍ପୀୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିୟମିତ ରକ୍ଷଣାବେକ୍ଷଣ ସମୟରେ ସୁରକ୍ଷା ନିୟମାବଳୀର କଠୋର ଅନୁସରଣ କରିବା ଉଚିତ ବୋଲି କହିଛନ୍ତି। ଏହି କର୍ମଶାଳାରେ ରାଜ୍ୟର ବିଭିନ୍ନ କାରଖାନାରୁ ୩୨ ଜଣ ଅଧିକାରୀ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ।

Kendrapara

# କୁମ୍ଭୀର ଗଣନା

କେନ୍ଦ୍ରାପଡ଼ାସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନରେ ଆଜିଠାରୁ କୁମ୍ଭୀର ଗଣନା ଆରମ୍ଭ ହୋଇଛି । ଏଥିପାଇଁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କ ପାଇଁ ଜାତୀୟ ଉଦ୍ୟାନ ବନ୍ଦ ରହିଥିବା ନେଇ ବନଖଣ୍ଡ ଅଧିକାରୀ  ଭରଦରାଜ ଗାଓଁକର ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଆମ କେନ୍ଦ୍ରାପଡ଼ା ସମ୍ବାଦଦାତାଙ୍କ ରିପୋର୍ଟ...

**- V/O –**

Desk

# ୪୦ତମ ପ୍ରତିଷ୍ଠା ଦିବସ

ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ୪୦ତମ ପ୍ରତିଷ୍ଠା ଦିବସ ଭୁବନେଶ୍ୱରସ୍ଥିତ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ରାଜ୍ୟରେ ଉର୍ଦ୍ଦୁ ଭାଷା ଏବଂ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ଭୂମିକା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁକ୍ତ ଦୁଇ, ଯୁକ୍ତ ତିନି ଓ ସ୍ନାତକୋତ୍ତର ପାଠ୍ୟକ୍ରମ ପ୍ରଥମ ବର୍ଷରେ ମାତୃଭାଷା ଉର୍ଦ୍ଦୁ ସାହିତ୍ୟ ରଖି ପାଠପଢୁଥିବା ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ କରାଯାଇଥିଲା । ଏଥିସହ ଉର୍ଦ୍ଦୁ, ହିନ୍ଦୀ ଏବଂ ଓଡ଼ିଆ ଭାଷାର କବିମାନଙ୍କୁ ନେଇ ଏକ ତ୍ରିଭାଷିକ କବି ସମ୍ମିଳନୀର ଆୟୋଜନ କରାଯାଇଥିଲା ।

BHK

# ନିଶା ନିବାରଣ ସଚେତନତା

ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବନ୍ତ ବ୍ଲକ କେନ୍ଦୁଆପଦାସ୍ଥିତ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ ସ୍ମାରକୀ ମହାବିଦ୍ୟାଳୟଠାରେ କୃତ୍ରିମ ବୁଦ୍ଧିମତା ଓ ନିଶା ନିବାରଣ ସମ୍ପର୍କିତ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ମାମଲାଗୁଡ଼ିକ ଆଞ୍ଚଳିକ ଭାଷା ମାଧ୍ୟମରେ ସାଧାରଣ ଲୋକଙ୍କ ନିକଟରେ ସହଜରେ ପହଁଞ୍ଚିପାରିବା ନେଇ ସଚେତନତା କରାଯାଇଥିଲା । ଏଥିସହ ଛାତ୍ରଛାତ୍ରୀଙ୍କୁ ନିଶାଦ୍ରବ୍ୟରୁ

ଦୂରେଇ ରହି ସୁସ୍ଥ ସମାଜ ଗଠନ ପାଇଁ  ବକ୍ତାମାନେ ପରାମର୍ଶ ଦେଇଥିଲେ ।

Gajapati

## ମଶାଲ ଜ୍ୟୋତି

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଆସନ୍ତା ୧୮ ତାରିଖରୁ ଗଜପତି ଉତ୍ସବ-୨୦୨୫ ଅନୁଷ୍ଠିତ ହେବ। ୫ ଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବ ପାଇଁ ମହେନ୍ଦ୍ରଗିରି ଶିଖରରୁ 'ମଶାଲ ଜ୍ୟୋତି' ଅଣାଯାଇଛି । ଆସନ୍ତା ୧୮ ତାରିଖ ଦିନ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଏହି ଜ୍ୟୋତିକୁ ଉତ୍ସବ ସ୍ଥଳକୁ ନିଆଯିବ ବୋଲି ଭାରପ୍ରାପ୍ତ ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

Kandhamal

## ପଲ୍ଲିଶ୍ରୀ

କନ୍ଧମାଳ ଜିଲ୍ଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଆସନ୍ତା ୧୧ ତାରିଖ ଯାଏଁ ଏହି ମହୋତ୍ସବ ଚାଲିବ ।

Desk

## ପାଣିପାଗ

ରାଜ୍ୟରେ ଶୀତର ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ

ଶୀତର ପ୍ରଭାବ ବୃଦ୍ଧି ପାଇବା ନେଇ ୧୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଗତକାଲି ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳଠାରେ ତାପମାତ୍ରା ଶୂନ ଡିଗ୍ରୀ ରେକର୍ଡ଼ ହୋଇଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି । ସେହିଭଳି ଫୁଲବାଣୀ ଓ ରାଉରକେଲାଠାରେ ତାପମାତ୍ରା ୫ ଡିଗ୍ରୀ ଏବଂ ୫ ଦଶମିକ ୧ ଡିଗ୍ରୀ ସେଲ୍ସିୟସ୍ ରେକର୍ଡ଼ କରାଯାଇଛି ।